## ସୁନାପୁର ବେଳାଭୂମିରୁ ମାଛ ଯାଆଁଳା ଚାଲାଣ ଅଭିଯୋଗ

ଚିକିଟି,(ଡି.ଏନ.ଏ.): ଚିକିଟି ତହସିଲ ଅନ୍ତର୍ଗତ ସୁନାପୁର ବାହୁଦା ମୁହାଣରେ ଦୀର୍ଘଦିନ ଧରି କିଛି ବଙ୍ଗାଳି ଯୁବକ ଖଇଙ୍ଗା ମାଛ ଯାଆଁଳା ବାହାର ରାଜ୍ୟକୁ ଚୋରାଚାଲାଣ କରୁଥିବା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଆସୁଥିଲା। ସୋମବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବାହୁଦା ମୁହାଣରେ ପହଞ୍ଚି କିଛି ଯୁବକ ତମ୍ବୁ ମାରି ରହୁଥିବା ଦେଖି ସେମାନଙ୍କ ସହ କଥାବାର୍ତ୍ତା କରିଥିଲେ। ପରେ ଅଞ୍ଚଳର କିଛି ଯୁବକଙ୍କ ସହ କଥା ହେବା ପରେ ଜଣାପଡିଥିଲା ଯେ ପଶ୍ଚିମବଙ୍ଗରୁ ଆସି ସେମାନେ ମୁହାଁଣରେ ତମ୍ବୁ ମାରି ଖଇଙ୍ଗା ମାଛ ଯାଆଁଳ ଚୋରା ଚାଲାଣ କରୁଥିବା ଜଣାପଡ଼ିଥିଲା। ବେଳାଭୂମୀରେ ବେଆଇନ ଜବରଦଖଲ ତୁରନ୍ତ ଉଚ୍ଛେଦ କରି ସେମାନଙ୍କୁ ହଟାଇବା ପାଇଁ ବନବିଭାଗ ଓ ଗୋଲନ୍ଥରା ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଡିଏଫଓ ଅମ୍ଲାନ ନାୟକଙ୍କୁ ପଚାରିବାରୁ ସେମାନଙ୍କୁ ଶୀଘ୍ର ହଟାଯିବ ବୋଲି କହିଛନ୍ତି।



### ସଂକ୍ଷେପରେ

## ମା' କାଳୀଙ୍କୁ ମେଲାଣି



ବୁଗୁଡ଼ା,୮।୧୧(ଡି.ଏନ.ଏ.):ବୁଗୁଡ଼ା ମଦନମୋହନ ଛକସ୍ଥିତ ଅସ୍ଥାୟୀ ମଣ୍ଡପରେ ଗତ ଗୁରୁବାରଠାରୁ ପୂଜା ପାଇ ଆସୁଥିବା ମା' କାଳୀ ରବିବାର ରାତିରେ ମେଲାଣି ନେଇଛନ୍ତି। କୋଭିଡ୍ କଟକଣା ମଧ୍ୟରେ ପୂଜା କମିଟିର ସଦସ୍ୟ ଓ ଶ୍ରଦ୍ଧାଳୁ ଭକ୍ତଙ୍କ ଦ୍ୱାରା ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା। ମା' କାଳୀଙ୍କ ଭସାଣି କାର୍ଯ୍ୟକ୍ରମ ଶୃଙ୍ଖଳିତ କରିବା ପାଇଁ ପୂଜା କମିଟିର ସଦସ୍ୟ ଓ କର୍ମକର୍ତ୍ତାଗଣ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ।

## ଇତିହାସ ବିଭାଗର ସେମିନାର

ଛତ୍ରପୁର,୮।୧୧(ଡି.ଏନ.ଏ.): ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ମହାବିଦ୍ୟାଳୟ ପରିସରରେ ସୋମବାର ଇତିହାସ ବିଭାଗର ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସେମିନାରରେ ଇତିହାସ ବିଭାଗର ବକ୍ତା ସାଧନା ପତ୍ରି ଯୋଗ ଦେଇ ଗୁରୁ ନାନକଙ୍କ ଓଡିଶା ସହିତ ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱ ବିଦ୍ୟାଳୟ ସାଇକୋଲୋଜି ବିଭାଗର ପ୍ରଫେସର ଡ. ଭି. ରାଜେନ୍ଦ୍ର ରାଜୁ, ସାହିତ୍ୟିକ ବ୍ରଜ ମୋହନ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ କାର୍ଯ୍ୟକ୍ରମକୁ ଅଧ୍ୟାପକ ସୂର୍ଯ୍ୟ ନାରାୟଣ ଡାକୁଆ ପରିଚାଳନା ଓ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଡ ପ୍ରଦୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ମିନିବସ୍ ମାଲିକ ସଂଘ ବୈଠକ

ଛତ୍ରପୁର,୮।୧୧(ଡି.ଏନ.ଏ.): ଗଞ୍ଜାମ ଜିଲା ମିନିବସ ମାଲିକ ସଂଘର ସାଧାରଣ ବୈଠକ ଛତ୍ରପୁର ସ୍ଥିତ ତାମ୍ପରାଠାରେ ସଭାପତି ସନ୍ତୋଷ କୁମାର ପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର, ଛତ୍ରପୁର, ପୁରୀ, ଜହ୍ନିକୁଦା, ଖଲ୍ଲିକୋଟ, ପୁରୁଷୋତ୍ତମପୁର ଅଞ୍ଚଳର ୭୦ରୁ ଅଧିକ ବସ ମାଲିକ ଯୋଗ ଦେଇଥିଲେ। ବସ୍‌ରେ ଉତ୍ତମ ସେବା ଯୋଗାଇବା ନିମନ୍ତେ ଆଲୋଚନା ହୋଇଥିଲା । ଘରୋଇ ବସ ପ୍ରତି ପ୍ରଶାସନ ଅଣଦେଖା କରଥିବାରୁ ମାଲିକମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜିଲାର ବିଭିନ୍ନ ରୁଟରେ ଚାଲୁଥିବା ସିଟି ବସଗୁଡିକର ଗତ ସେପ୍ଟେମ୍ବର ୩୦ରୁ ଚୁକ୍ତିନାମା ଅବଧି ସରିଛି। ପ୍ରଶାସନ ଜାଣତରେ ଏପରି ଚାଲିଥିଲେ ମଧ ପ୍ରଶାସନ ପକ୍ଷରୁ କିଛି କାର୍ଯ୍ୟାନୁଷ୍ଠାନ ନାହିଁ। ବର୍ତ୍ତମାନ ଘରୋଇ ବସ ମାଲିକମାନେ ବହୁସମସ୍ୟା ମଧ୍ୟରେ ଗତି କରୁଛନ୍ତି । ତେଣୁ ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମାଲିକ ସଂଘର ଦାବି ରହିଛି । ସେହିପରି ତୈଳଦର ହ୍ରାସ ପାଇଥିବାରୁ ଜନସାଧାରଣ ବସ୍‌ରେ ଯାତ୍ରା ବେଳେ ଟିକେଟ ଦର ମଧ ହ୍ରାସ କରିବା ପାଇଁ ବସ ମାଲିକମାନେ ଆଲୋଚନା କରିଥିଲେ । ବୈଠକରେ ସଂପାଦକ ସମୀର ମିଶ୍ର, କୋଷାଧ୍ୟକ୍ଷ ବିଜୟ କୁମାର ପଣ୍ଡା, ପ୍ରଶାନ୍ତ କୁମାର ସ୍ୱାଇଁ, ଅମିତ୍ ଦାସ, କାଳୁପଲେଇଙ୍କ ସମେତ ବହୁସଂଖ୍ୟକ ବସ ମାଲିକମାନେ ଉପସ୍ଥିତ ଥିଲେ ।

## ଜିଲାପାଳଙ୍କ ସ୍ମାର୍ଟ କ୍ଲାସ୍ ପରିଦର୍ଶନ

ଚିକିଟି,୮।୧୧(ଡି.ଏନ.ଏ.): ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଚିକିଟି ବ୍ଲକ୍ ଅଧୀନରେ ଚାଲିଥିବା ୩ଟି ସ୍ମାର୍ଟ କ୍ଲାସ୍ ପରିଦର୍ଶନ କରିଛନ୍ତି। ବ୍ଲକ୍‌ର କୃଷ୍ଣପୁର ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ପିତାତଳି ଓ ବାହିନିପତି ସ୍ଥିତ ଓଁ ଶ୍ରୀ ଗୁରୁ ଆଦିବାସି ଆବାସିକ ଉଚ୍ଚବିଦ୍ୟାଳୟରେ ଚାଲିଥିବା ସ୍ମାର୍ଟ କ୍ଲାସ ଗୃହ ଗୁଡିକ ତୁରନ୍ତ ଶେଷ କରିବା ପାଇଁ ଜିଲାପାଳ ତାଗିଦ କରିଥିଲେ। ଏଥିସହ ପ୍ରତ୍ୟେକ ପ୍ରଧାନ ଶିକ୍ଷକଙ୍କ ସହିତ ସ୍ମାର୍ଟ କ୍ଲାସ, ଲାଇବ୍ରେରି, ପରିସ୍ରାଗାର ସମେତ ବିଭିନ୍ନ ଆନୁସଙ୍ଗିକ ଉପରେ ଆଲୋଚନା କରି ଫେରିଥିଲେ। ଜିଲାପାଳଙ୍କ ସମେତ ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର ଉପସ୍ଥିତ ଥିଲେ।

## ଶ୍ରୀଅରବିନ୍ଦ ନୂତନ ପାଠଚକ୍ର ଉଦ୍‌ଘାଟିତ

ଭଞ୍ଜନଗର,୮।୧୧(ଡି.ଏନ.ଏ.) ଭଞ୍ଜନଗର ବ୍ଲକ ଜିଲୁଣ୍ଡିରେ ପଦ୍ମଚରଣ ସେଠୀଙ୍କ ବାସଭବନରେ ସୋମବାର ଶ୍ରୀଅରବିନ୍ଦ ନୂତନ ପାଠଚକ୍ର ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ, ଅଞ୍ଚଳ ସଂଗଠକ ରଘୁନାଥ ପଣ୍ଡା, ରମେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସଂଗଠିକା ରତ୍ନ ମଞ୍ଜରୀ ପାଢି ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ରଞ୍ଜିତା ପାଣିଗ୍ରାହୀ ମାତୃ ବନ୍ଦନା ଗାନ କରିଥିଲେ। ସୁନନ୍ଦା ବେହେରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବ୍ଲକ ସଂଗଠକ ବାବୁଲା ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଡାକ୍ତରଖାନାରେ ପ୍ରସବକୁ ଗୁରୁତ୍ୱ

ଛତ୍ରପୁର,୮।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନେଇ ପ୍ରୟାସ ଆରମ୍ଭ ହୋଇଛି । ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ମାନ ବୃଦ୍ଧି କରି ରୋଗୀ ଯେପରି ଉତ୍ତମ ସେବା ପାଇ ସୁସ୍ଥ ହେବେ ସେ ନେଇ ସୋମବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସାଧନ ଅନୁଯାୟୀ ଜିଲାର ସମସ୍ତ ଚିକିତ୍ସାଳୟରେ ଉତ୍ତମ ସେବା ଯୋଗାଇଦେବା ଦିଗରେ ରୂପାନ୍ତରୀକରଣ କରି 'ମୋ ହସ୍ପିଟାଲ ମୋ ଗର୍ବ' କାର୍ଯ୍ୟକ୍ରମକୁ ସାକାର କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଚିକିତ୍ସାଳୟଗୁଡିକରେ ଭଲ ଅଭ୍ୟର୍ଥନା କକ୍ଷ, ଉତ୍ତମ ପଞ୍ଜୀକରଣ ବ୍ୟବସ୍ଥା, ପଞ୍ଜୀକରଣ ପରେ ସମୟ ବ୍ୟୟ ନ କରି ତୁରନ୍ତ ଚିକିତ୍ସା, ଉତ୍ତମମାନର ଔଷଧ ବିତରଣ, ରୋଗୀଙ୍କ ଟେଲିଫୋନ ନମ୍ବର ରଖି ୨/୩ ଦିନ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ରହିଛି ସେ ସମ୍ପର୍କରେ ପଚାରି ବୁଝିବା ଆଦି ବିଷୟ ନେଇ ଆଲୋଚନା କରାଯାଇଛି ।

ଚିକିତ୍ସାଳୟଗୁଡିକର ଭିତ୍ତିଭୂମି ବିକାଶ, ପାନୀୟ ଜଳ ଯୋଗାଣ, ଶୌଚାଳୟ ସଫେଇ, ଚାରାରୋପଣ, ସୌନ୍ଦର୍ଯ୍ୟକରଣ ଓ ଚିକିତ୍ସା ନିମନ୍ତେ ଆବଶ୍ୟକ ସରଞ୍ଜାମ ଗୁଡିକର ସମସ୍ତ ଦିଗ ପ୍ରତି ଧ୍ୟାନ ଦିଆଯାଇ ସମୟୋଚିତ ପଦକ୍ଷେପ ନିଆଯିବ। ମଙ୍ଗଳବାରଠାରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ନିଜ ଅଞ୍ଚଳର ଚିକିତ୍ସା କେନ୍ଦ୍ରକୁ ଅନୁଧ୍ୟାନ କରି ରିପୋର୍ଟ ପ୍ରସ୍ତୁତ କରିବେ । ଉପଜିଲାପାଳଙ୍କ ସ୍ତରରେ ତାହାର ତର୍ଜମା କରି ଠିକ ଏବଂ ସମୟୋଚିତ ରୂପାନ୍ତରିତ ବ୍ୟବସ୍ଥା କରାଯିବ । ଜିଲାପାଳ ସମସ୍ତ ଚିକିତ୍ସାଳୟ ଗସ୍ତ କରି ଏହି କାର୍ଯ୍ୟର ତଦାରଖ କରିବେ। ଉତ୍ତମ ଚିକିତ୍ସା ପାଇବା ସକାଶେ ସମସ୍ତଙ୍କ ଜନ୍ମଗତ ଅଧିକାର ରହିଛି। ସେହି ଅଧିକାର ନାଗରିକମାନେ ଯେପରି ଉତ୍ତମ ରୂପେ ପାଇବେ ତାହାର ସମସ୍ତ ଦିଗ ପ୍ରତି ଦୃଷ୍ଟି ଦିଆଯିବ । ଭିତ୍ତିଭୂମି ଠାରୁ ଆରମ୍ଭ କରି ସେବାକ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ଦୂର କରିବା ନେଇ ସମସ୍ତ ପ୍ରଚେଷ୍ଟା କରାଯିବ । ଡାକ୍ତରମାନେ ଯେପରି ଉତ୍ତମ ମାନର ସେବା ଯୋଗାଇଦେବେ ସେ ଦିଗରେ ଧ୍ୟାନ ଦିଆଯିବ । ସମସ୍ତ ରୋଗୀଙ୍କୁ ନିଜ ପରିବାରର ସଦସ୍ୟ ବୋଲି ବିବେଚନା କରି ଯତ୍ନ ନେବାକୁ ଜିଲାପାଳ ଚିକିତ୍ସାଧିକାରୀମାନଙ୍କୁ ଅନୁରୋଧ କରିଥିଲେ । ଜିଲା ଗୁଣବତ୍ତା ନିଶ୍ଚିତତା କମିଟି, କାୟାକଳ୍ପର ଆଲୋଚନା କରାଯାଇ ବର୍ତ୍ତମାନ ଯେଉଁ ସବୁ ସୁବିଧା ପ୍ରଦାନ କରାଯାଉଛି ସେଗୁଡିକ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଗର୍ଭବତୀମାନଙ୍କ ଯତ୍ନ, ଶିଶୁଙ୍କୁ ପୋଲିଓ ବୂନ୍ଦା ଖୁଆଇବା, ଟିକାକରଣ, କାୟାକଳ୍ପ, କୋଭିଡ ଟିକାକରଣ ଇତ୍ୟାଦି ସମସ୍ତ ବିଷୟ ନେଇ ଆଲୋଚନା ହୋଇ ଥିଲା । ଗର୍ଭବତୀ ଯପରି ଶତ ପ୍ରତିଶତ ଚିକିତ୍ସାଳୟରେ ପ୍ରସବ କରିପାରିବେ ସେଥି ସକାଶେ ସୁନିଶ୍ଚିତ କରିବା ପାଇଁ ଜିଲାପାଳ ଗୁରୁତ୍ୱ ଦେଇଥିଲେ । ଏହାଦ୍ୱାରା ପ୍ରସବଜନିତ ମୃତ୍ୟୁକୁ ରୋକାଯାଇପାରିବ। କୋଭିଡ ଟିକାକରଣ ଯେପରି ଶତ ପ୍ରତିଶତ ପୂରଣ ହେବ ସେ ଦିଗରେ ଧ୍ୟାନ ଦେବା ପାଇଁ ଜିଲାପାଳ ସମସ୍ତ ସଂପୃକ୍ତ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ବୈଠକରେ ଛତ୍ରପୁର ଉପଜିଲାପାଳ ନୀଳମାଧବ ଭୋଇ, ଛତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଉମା ଶଙ୍କର ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ଯୋଜନା ଅଧିକାରୀ ଶ୍ୟାମ ସୁନ୍ଦର ତ୍ରିପାଠୀ, ଜିଲା ପରିଚାଳକ (ଆରସିଏଚ) ଶକ୍ତି କୁମାର ଦିଗାଲ, ଜିଲା ସମାଜ କଲ୍ୟାଣ ବିଭାଗୀୟ ଜିଲା ଯୋଜନା ଅଧିକାରୀ ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଟ୍ରକ୍ ଧକ୍କାରେ ମୃତ୍ୟୁ ଘଟଣା, ଡ୍ରାଇଭର ଗିରଫ

ବୁଗୁଡ଼ା,୮।୧୧(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ବରଡିପଲ୍ଲୀ ଠାରେ ଗତ ଗୁରୁବାର ଟ୍ରକ ଧକ୍କାରେ ପରିବା ବ୍ୟବସାୟୀ କାଳିଆ ନାୟକଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭର ଗରେଇଝୁଲି ଗ୍ରାମର ରାଜେଶ ପ୍ରଧାନଙ୍କୁ ପୋଲିସ ସୋମବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ଦୀପାବଳି ରାତି ପ୍ରାୟ ୧୦ଟାରେ କାଳିଆ ନିଜ ଘର ଆଗରେ ଠିଆ ହୋଇଥିବା ବେଳେ ବୁଗୁଡ଼ା ପଟୁ ନୟାଗଡ଼ ଆଡକୁ ଯାଉଥିବା ଟ୍ରକ (ନଂ.ଏପି ୩୦ ଟିଏ ୩୫୭୯) ତାଙ୍କୁ ଧକ୍କା ଦେଇ ଦୁଇଟି ସାଇକେଲ ଉପରେ ଚଢି ଯାଇଥିଲା। କାଳିଆଙ୍କୁ ଗୁରୁତର ଅବସ୍ଥାରେ ବୁଗୁଡ଼ା ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ନଂ. ୫୮୨ /୨୧ ଏକ ମାମଲା ହୋଇଥିଲା।

## କୂଅରେ ପଡ଼ି ମହିଳାଙ୍କ ମୃତ୍ୟୁ

ଆସିକା,୮।୧୧(ଡି.ଏନ.ଏ.)

ଆସିକା ଥାନା ଅନ୍ତର୍ଗତ ବାବନପୁର ଗ୍ରାମରେ ରବିବାର ସନ୍ଧ୍ୟାରେ ବାରି କୂଅରେ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଉକ୍ତ ଗ୍ରାମର ପଦ୍ମାବତୀ ନାୟକ (୬୫) । ପରିବାର ଲୋକେ ଘରେ ନ ଥିବା ବେଳେ ପଦ୍ମାବତୀ ପାଣି ଆଣିବାକୁ ଯାଇ କୂଅରେ ପଡିଯାଇଥିଲେ । ଦୀର୍ଘ ସମୟ ଘରକୁ ନ ଫେରିବାରୁ ତାଙ୍କୁ ବହୁ ଖୋଜାଖୋଜି କରାଯାଇଥିଲା। ପଦ୍ମାବତୀ କୂଅରେ ପଡ଼ିଥିବା ଜଣାପଡ଼ିବା ପରେ ସ୍ଥାନୀୟ ଅଗ୍ନିଶମ ବାହନୀ ପହଞ୍ଚି ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଆସିକା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ।ଏ ନେଇ ଆସିକା ଥାନାରେ ମୃତ ମହିଳାଙ୍କ ପୁଅ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

# ଭାଜପାର ବିକ୍ଷୋଭ, କୁଶପୁତ୍ତଳିକା ଦାହ

ଛତ୍ରପୁର/ଭଞ୍ଜନଗର/ଆସିକା/ଧରାକୋଟ,୮।୧୧(ଡି.ଏନ୍.ଏ.)

### ମମିତା ମେହେର ହତ୍ୟା ଘଟଣା

କଳାହାଣ୍ଡିରେ ଘରୋଇ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବି ନେଇ ସୋମବାର ଛତ୍ରପୁର ଭାଜପା ପକ୍ଷରୁ ବ୍ଲକ ଘେରାଉ କରାଯାଇଛି। କର୍ମୀମାନେ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କରଙ୍କ ନେତୃତ୍ୱରେ ଛତ୍ରପୁର ମଣ୍ଡଳ ସଭାପତି ସଞ୍ଜିତ କୁମାର ରାଉଳଙ୍କ ସମେତ ବହୁଦଳୀୟ ନେତା ଓ କର୍ମୀ ଏଥିରେ ସାମିଲ ଥିଲେ।

ସେହିପରି ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଇସ୍ତଫା ଦାବି ନେଇ ଭଞ୍ଜନଗର ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ଭଞ୍ଜନଗର ଥାନା ଛକରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ, ନେତା ସନ୍ତୋଷ ତିଆଡ଼ି, ସନ୍ତୋଷ ପାଲ, ସମୀର ନାୟକ, ବି ପି ପ୍ରଧାନ, ଅଭି ଭୂୟାଁ, ଧୋବା ଗଉଡ ପ୍ରମୁଖ ଉପସ୍ଥିତ ଥିଲେ। କ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ଆସିକା ବିଜୁ ପଟ୍ଟନାୟକ ଛକଠାରେ ମୁଖ୍ୟମନ୍ତ୍ରୀ, ଗୃହରାଷ୍ଟ୍ର ମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ମୃତ ମମିତାଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ମିଳିବା ଯାଏଁ ଆନ୍ଦୋଳନ ଜାରି ରହିବା ବୋଲି ଚେତାବନୀ ଦିଆଯାଇଥିଲା । ପୂର୍ବତନ ବିଧାୟକ ତଥା ଭାଜପା ନେତା ଦେବରାଜ ମହାନ୍ତିଙ୍କ ନେତୃତ୍ୱରେ ଘୁମୁସର ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ମଧୁସ୍ମିତା ପୋଲାଇ, ସୂର୍ଯ୍ୟନାରାୟଣ ଦାସ, ଦୁର୍ଗାଚରଣ ପଟ୍ଟନାୟକ, ନାରାୟଣ ହୋତା, ବିଦ୍ୟାନ୍ତ କୁମାର ଚର୍ଚ୍ଚିଙ୍କ ସମେତ ବହୁ ଭାଜପା କର୍ମୀ ଆନ୍ଦୋଳନରେ ସାମିଲ ଥିଲେ। ସାନଖେମୁଣ୍ଡିରେ ଯୁବନେତା ଇଞ୍ଜିନିୟର ପ୍ରଦୀପ କୁମାର ପତ୍ରୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଧରାକୋଟ ବଡଦାଣ୍ଡ ସାହିରୁ ବାହାରି ନଗର ପରିକ୍ରମା କରିଥିଲା। ଏଥିରେ ହର ପ୍ରସାଦ ମହାନ୍ତି, ନିରୋଜ ପାଢ଼ୀ, ରାମ ନାଥ ପାଢ଼ୀ, ସନ୍ତୋଷ ଲେଙ୍କା, ସଞ୍ଜୟ ପରିଡ଼ା ପ୍ରମୁଖ ସାମିଲ ରହିଥିଲେ।



ଧରାକୋଟରେ ଭାଜପା ନେତା ଓ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ହାଇଦ୍ରାବାଦରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଦିଗପହଣ୍ଡି,୮।୧୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ବୁରିପଦର ଗ୍ରାମର ମୁନା ଗୌଡ଼ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୁନାଙ୍କ ବାପା ନିରଞ୍ଜନ ଗୌଡ ସୋମବାର ଦିଗପହଣ୍ଡି ଥାନାରେ ପହଞ୍ଚି ପୁଅଙ୍କୁ ହତ୍ୟା କରାଯାଇଥିବା ଏତଲା ଦେଇଛନ୍ତି। ପୋଲିସ ନଂ.୨୮୯/୨୧ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ନିରଞ୍ଜନ ଏବଂ ତାଙ୍କ ପୁଅ ହାଇଦ୍ରାବାଦର ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଗତ ୬ରେ ନିରଞ୍ଜନ ବସା ଘରେ ଥିବା ବେଳେ ତାଙ୍କ ପୁଅ ମୁନାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ନେଇ କମ୍ପାନୀରୁ ଫୋନ୍ ଆସିଥିଲା। ସେ ସେଠାକୁ ଯାଇ ଦେଖିବା ବେଳେ ମୁନା ଚେତାଶନ୍ୟ ଅବସ୍ଥାରେ ପଡ଼ିଥିଲେ। ମୁନାଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ରବିବାର ମଧ୍ୟାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ମୁନାଙ୍କ ମୃତ୍ୟୁ ଘଟିଥିଲା। ବାପା ନିରଞ୍ଜନ ସେଠାରେ ଏକୁଟିଆ ଥିବାରୁ ଗାଡ଼ି ଯୋଗେ ମୃତଦେହକୁ ନେଇ ସେ ସୋମବାର ନିଜ ଗାଁ ଦିଗପହଣ୍ଡି ବ୍ଲକ ବୁରୀପଦର ଘରେ ପହଞ୍ଚି ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଗଡ଼ିଲା ଭୋଟର ସଚେତନତା ରଥ



ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି ।

କୋଟଗଡ଼/ବାଲିଗୁଡ଼ା, ୮।୧୧(ଡି.ଏନ୍.ଏ.)

ବାଲିଗୁଡ଼ାରେ ଭୋଟର ସଚେତନତା ରଥ ଶୁଭାରମ୍ଭ ହୋଇଯାଇଛି। ଉପଜିଲାପାଳ ଡ.ଶୁଭଙ୍କର ମହାପାତ୍ର ସବୁଜ ପତକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଏହି ରଥ ବୁଲିବ। ବାଲିଗୁଡ଼ା ଓ ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀରେ ରଥ ବୁଲି ଭୋଟରମାନଙ୍କୁ ଭୋଟର ତାଲିକାରେ କିଭଳି ନାମ ପଞ୍ଜିକରଣ ଓ ସଂଶୋଧନ କରାଯାଇପାରିବ ସେ ସମ୍ବନ୍ଧରେ ସଚେତନ କରାଇବ। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳଙ୍କ ସମେତ ବିଡିଓ ଜଗଦୀଶ ଷଡ଼ଙ୍ଗୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଅତିରିକ୍ତ ତହସିଲଦାରଙ୍କ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାସ୍ତା ନ ହେଲେ ଭୋଟ ବର୍ଜନ ଚେତାବନୀ

ଦାରିଙ୍ଗବାଡ଼ି,୮।୧୧(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ ଦାସିଙ୍ଗବାଡ଼ି ପଞ୍ଚାୟତ ଡାଲାଗାଡୁ, ଗଡ଼ାପାକାଲି, ପ୍ରାହେଟପଙ୍କା, ବେଡ଼ଗାପାଙ୍ଗା, ଦୁଲିବାଲି ଓ ଗଦା ପାଦେର ଉକ୍ତ ୬ଟି ପଡ଼ା ଗ୍ରାମକୁ ସଂଯୋଗିକରଣ ରାସ୍ତା ନିର୍ମାଣ ପାଇଁ ଏକ ଦାବିପତ୍ର ବିଡିଓ ଗଦାଧର ପାତ୍ରଙ୍କୁ ଅଞ୍ଚଳବାସୀ ପ୍ରଦାନ କରିଛନ୍ତି। ଉକ୍ତ ଅଞ୍ଚଳରେ ପାଖାପାଖି ୪୩୫ ଜନ ସଂଖ୍ୟାରୁ ଉର୍ଦ୍ଧ ବସବାସ କରୁଛନ୍ତି। ଉକ୍ତ ଜନସାଧାରଣଙ୍କ ଗମନାଗମନର ସୁବିଧା କରିବା ପାଇଁ ପଞ୍ଚାୟତ ସମିତି ରାସ୍ତା ନିର୍ମାଣ କରାଯାଇଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତା ସମ୍ପୂର୍ଣ୍ଣ ଖରାପ ହୋଇ ଗମନାଗମନ ବିପର୍ଯ୍ୟସ୍ତ ହୋଇରହିଛି। ଫଳରେ ଗର୍ଭବତୀ, ପ୍ରସୂତି ଓ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇବାରେ ବିଫଳ ହୋଇଛି। ସେହିପରି ଗ୍ରାମରେ ଥିବା ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀ ଉତ୍ତୀର୍ଣ୍ଣ ପରେ ଉଚ୍ଚ ଶିକ୍ଷା ତଥା ମଧ ଇଂଲିଶ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯିବା ଆସିବା କରି ପାଠ ପଢିବାରେ ସମସ୍ୟା ହେବା ଓ କୃଷି କାର୍ଯ୍ୟରେ ଉତ୍ପାଦିତ ଦ୍ରବ୍ୟ ବଜାରକୁ ନେଇ ବିକ୍ରୀ ବଟା କରିବାରେ ସମସ୍ୟା ହୋଇ ଆର୍ଥିକ କ୍ଷତି ସହିବାକୁ ପଡୁଛି। ଏଣୁ ଏହି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେଇ ରାସ୍ତା ନିର୍ମାଣ କରିବାକୁ ପଡ଼ାବାସି ବିଡିଓଙ୍କୁ ଲିଖିତ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏହି ସମସ୍ୟାର ସମାଧାନ ନ ହେଲେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ୯ ନମ୍ବର ୱାର୍ଡବାସିନ୍ଦା ଚେତାବନୀ ଦେଇଛନ୍ତି।



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଅଞ୍ଚଳବାସୀ।

# ୯ ଖଣ୍ଡ ଗ୍ରାମର ମୌଳିକ ସମସ୍ୟା ନେଇ ବୈଠକ

ଖଜୁରିପଡ଼ା, ୮।୧୧(ଡି.ଏନ.ଏ.)

କନ୍ଧମାଳ-ବୌଦ୍ଧ ଜିଲା ବର୍ଡରରେ ଥିବା ୯ ଖଣ୍ଡ ଗ୍ରାମର ଯୁବକଙ୍କୁ ନେଇ ରାଣୀପଥର ସ୍କୁଲ ଖେଳ ପଡ଼ିଆଠାରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ବୈଦ୍ୟନାଥ ବେହେରାଙ୍କ ନେତୃତ୍ୱରେ ବୈଠକରେ ନିଷ୍ପତ୍ତି ପ୍ରକାରେ ୯ ଖଣ୍ଡ ଗ୍ରାମର ବିକାଶମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଏ ନେଇ ଆସନ୍ତା ୨୧ ତାରିଖ ରବିବାର ପରବର୍ତ୍ତୀ ବୈଠକ ବସି କମିଟି ଗଠନ ହେବ। ଏହାପରେ ୯ ଖଣ୍ଡ ଗ୍ରାମର ବିଭିନ୍ନ ମୌଳିକ ସମସ୍ୟା ସମାଧାନ ପାଇଁ ଜିଲା ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ। ବିଶେଷକରି ରାଣୀପଥରଠାରେ ଥିବା ମଙ୍ଗଳ ବିଭାଗର ସେବାଶ୍ରମ ବିଦ୍ୟାଳୟକୁ ଦଶମ ଶ୍ରେଣୀ କରାଯିବା, ରାଣୀପଥରଠାରୁ ଭାୟା ଭାଲିଆପଡ଼ା ହୋଇ ଖଜୁରିପଡ଼ା ବ୍ଲକ କାର୍ଯ୍ୟାଳୟକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତାର ଉନ୍ନତୀକରଣ କରିବା ଓ ୯ ଖଣ୍ଡ ଗ୍ରାମ ପ୍ରତି ଗ୍ରାମରେ ବିଦ୍ୟୁତ୍ ଷ୍ଟ୍ରିଟ ଲାଇଟ୍ ସଂଯୋଗ କରିବାକୁ ଦାବି କରାଯିବ। ବୈଠକରେ ଶତାଧିକ ଯୁବକଙ୍କ ସମେତ ବୁଦ୍ଧିଜୀବୀ ଦାମୋଦର ବେହେରା, ଅଜୟ କୁମାର ବେହେରା, ମଧୁସୂଦନ ବେହେରା, ନରସିଂହ କହଁର, ଅଶୋକ ବେହେରା, ବିଭୀଷଣ ମଲ୍ଲିକ, ଭାଗବତ ପ୍ରଧାନ, ସୁରେଶନ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ୧୫ ଦିନ ପାଣି ନ ଆସିବାରୁ ରାସ୍ତାରୋକୋ

ଆର.ଉଦୟଗିରି, ୮।୧୧(ଡି.ଏନ.ଏ.)

ଆର.ଉଦୟଗିରି ପଞ୍ଚାୟତ ଓ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗର କର୍ମଚାରୀମାନେ ଦରମା ବୃଦ୍ଧି ଓ ସ୍ଥାୟୀ ନିଯୁକ୍ତି ଦାବି ନେଇ ଗ୍ରାମରେ ୧୫ ଦିନ ହେବ ଜଳ ଯୋଗାଣ ବନ୍ଦ କରିଦେଇଛନ୍ତି। ସୋମବାର ସକାଳେ ସାହିଗୁଡିକରେ ପାଣି ନ ଆସିବାରୁ ଗ୍ରାମର ବିଭିନ୍ନ ସାହିର ମହିଳାମାନେ ଉତ୍ତେଜିତ ହୋଇ ବ୍ରହ୍ମପୁରରୁ ପାରଳାଖେମୁଣ୍ଡି ମୁଖ୍ୟରାସ୍ତା ଉପରେ ହାଣ୍ଡି ଓ ବାଲ୍‌ଟି ରଖି ରାସ୍ତା ଅବରୋଧ କରିଥିଲେ। ଆନ୍ଦୋଳନ ଯୋଗୁ ଛେଲିଗଡ଼ ଓ ପରିମଳରେ ଥିବା ଆଦର୍ଶ ବିଦ୍ୟାଳୟକୁ ଏହି ଅଞ୍ଚଳର ଛାତ୍ରୀଛାତ୍ରମାନେ ଯାଇପାରି ନ ଥିଲେ। ଆର.ଉଦୟଗିରି ମାଜିଷ୍ଟ୍ରେଟ ନିଜ ଗ୍ରାମରୁ ଫେରୁଥିବା ସମୟରେ ତାଙ୍କୁ ମଧ ଅଟକ ରଖିଥିଲେ। ଏଥିସହ ମୋହନା ଥାନାଧିକାରୀ ତାଙ୍କ ଷ୍ଟାଫ୍‌ଙ୍କ ସହ ଜିଲା କାର୍ଯ୍ୟାଳୟ ଯାଉଥିବା ସମୟରେ ତାଙ୍କୁ ମଧ ଅଟକାଇ ଥିଲେ। ଖବର ପାଇ ଆର.ଉଦୟଗିରି ପୋଲିସ ପହଞ୍ଚି ଉତ୍ତେଜିତ ମହିଳାଙ୍କୁ ବହୁ ବୁଝାଶୁଝା କରିଥିଲେ। ବିଭାଗୀୟ ଅଧିକାରୀ ଆସି ପାଣି ଛାଡ଼ନ୍ତୁ ନଚେତ୍ ରାସ୍ତା ଅବରୋଧ ହଟିବ ନାହିଁ ବୋଲି ମହିଳାମାନେ ଜିଦ୍‌ଧରିବସିଥିଲେ। ଏହାପରେ ଥାନାଧିକାରୀ ବିଭାଗୀୟ ଯନ୍ତ୍ରୀଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିବାରୁ ମୁଁ ଛୁଟିରେ ଅଛି ବୋଲି କହିଥିଲେ। ପରେ ସ୍ଥାନୀୟ ବିଡିଓ ପହଞ୍ଚି ଗ୍ରାମର ମହିଳା ଓ ପୁରୁଷଙ୍କୁ ମଙ୍ଗଳବାର ଗ୍ରାମର ପ୍ରତି ସାହିରେ ପାଣି ଛଡାଯିବ ନଚେତ୍ ଆନ୍ଦୋଳନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ସାଢ଼େ ୧୦ଟାରେ ରାସ୍ତାରୋକୋ ହଟିଥିଲା। ଏହି ସମସ୍ତ ବିଷୟ ବିଡିଓ ଜିଲାର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇଥିଲେ। ଏହା ପରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଆର.ଉଦୟଗିରି ବ୍ଲକରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟ ଆସି ଅନୁଧ୍ୟାନ କରିଥିଲେ।



ମହିଳାଙ୍କ ରାସ୍ତାରୋକୋ ।

# ଠିକା ସଫେଇ କର୍ମଚାରୀ ସଂଘର ଧାରଣା

ଖଲ୍ଲିକୋଟ,୮।୧୧(ଡି.ଏନ.ଏ.)

ଖଲ୍ଲିକୋଟ ଏନ୍ଏସି ସମ୍ମୁଖରେ ଠିକା ସଫେଇ କର୍ମଚାରୀଙ୍କ ପକ୍ଷରୁ ୫ ଦଫା ଦାବି ନେଇ ଗଣଧାରଣା ଦିଆଯାଇଛି। ଖଲ୍ଲିକୋଟ ଏନ୍ଏସିରେ ପୂର୍ବରୁ ୧୨ ଜଣ ମହିଳା ଓ ପୁରୁଷ ସଫେଇ କର୍ମଚାରୀ ସଫେଇ କାର୍ଯ୍ୟ କରୁଥିଲେ। ସଫେଇ କାର୍ଯ୍ୟକୁ ନେଇଥିବା ଠିକାଦାର ଉକ୍ତ ୧୨ ଜଣଙ୍କୁ ସଫେଇ କାର୍ଯ୍ୟରୁ ଛଟେଇ କରି ଖଲ୍ଲିକୋଟ ଏନ୍ଏସି ବାହାରୁ ସଫେଇ କର୍ମଚାରୀ ଆଣି କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ଯାହାକୁ ନେଇ ଉକ୍ତ ସଫେଇ କର୍ମଚାରୀ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଉକ୍ତ ଠିକାଦାର ଦୁଇମାସର ବକେୟା ଦରମା ଦେଇନଥିବା ମଧ ଅଭିଯୋଗ ହୋଇଛି। ୫ ଦଫା ଦାବି ପୂରଣ ନ ହେବା ଯାଏ ଏହି ଧାରଣା ଚାଲୁ ରହିବ ବୋଲି ହିନ୍ଦ୍ ମଜଦୁର ସଭାର ରାଜ୍ୟ ଉପସଭାପତି ରବି ରଥ ପ୍ରକାଶ କରିଥିଲେ। ଗଣଧାରଣା ସ୍ଥଳରେ ହିନ୍ଦ ମଜଦୁର ସଭାର ରାଜ୍ୟ ଉପସଭାପତି ରବି ରଥ, ରାଜ୍ୟ ସମ୍ପାଦକ ରାଜେନ୍ଦ୍ର ଦାସ, ସାମାଜିକ କର୍ମୀ ରାଜୀବ ଖାଡ଼ଙ୍ଗା, ଅବଦୁଲ କାଲାମ ଜନକଲ୍ୟାଣ ପରିଷଦ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ଏନ୍ଏସି ପୂର୍ବତନ କାଉନସିଲର ବିପିନ ବିହାରୀ ସାମନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ। ତେବେ ଏନ୍ଏସି ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଜ୍ୟୋତିର୍ମୟ ଦାସଙ୍କ ସହ ସଫେଇ କର୍ମଚାରୀଙ୍କ ଆଲୋଚନା ହୋଇଛି।

## ସାନଗାଁରେ ଜ୍ୱର ଆତଙ୍କ

ପାତ୍ରପୁର,୮।୧୧(ଡି.ଏନ.ଏ.)

ଖାରିଆଗୁଡ଼ା ପଞ୍ଚାୟତ ସାନ ଗାଁ ଗ୍ରାମରେ ଦଶଦିନ ହେଲା ଜ୍ୱର ପ୍ରାଦୁର୍ଭାବ ଦେଖାଦେଇଛି। ଏଥିରେ ଗ୍ରାମର କଇଁତା ଶବର, ଶ୍ରୀମତୀ ଶବର, ସୁମିତ୍ରା ଶବର, ଡମ୍ବରୁ ଶବର, ଶୁଭମ ଶବର, କୁମର ଶବର, ମାଣିକ ଶବର, ବିଭୀଷଣ ଶବର, ପୂର୍ଣ୍ଣ ଶବର,ସୁକୁ ଶବର ଜ୍ୱରରେ ଆକ୍ରାନ୍ତ ହୋଇ ସୁରଙ୍ଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗ୍ରାମରେ ଥିବା ନଳକୂଅ ଅଞ୍ଚଳ ଯୋଗୁ ନିକଟସ୍ଥ ନାଳ ପାଣି ବ୍ୟବହାର ଫଳରେ ଜ୍ୱର ବ୍ୟାପୁଥିବା ଗ୍ରାମବାସୀ କହିଛନ୍ତି। ତୁରନ୍ତ ପ୍ରଶାସନ ଦୃଷ୍ଟିଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ନଷ୍ଟ ହେଲା ୧୬୫ ଏକର ଗଞ୍ଜେଇ ଚାଷ

ବାଲିଗୁଡ଼ା, ୮।୧୧.(ଡି.ଏନ.ଏ.)

ବାଲିଗୁଡ଼ା ପୋଲିସ ଓ ଅବକାରୀ ବିଭାଗର ମିଳିତ ଅପରେଶନରେ ପ୍ରଥମ ଦିନରେ ମାଦିନାଟ ଓ ବାଲିସୁଗା ଅଞ୍ଚଳରେ ୧୬୫ ଏକରରେ ଜମିରେ ଚାଷ ହୋଇଥିବା ଗଞ୍ଜେଇ ନଷ୍ଟ କରାଯାଇଛି। କନ୍ଧମାଳ ଏସପି ଭନିତ୍ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ବାଲିଗୁଡ଼ା ଏସ୍‌ଡିପିଓ ମନୋଜ ପୂଜାରୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି ଅପରେଶନରେ ନୀଳ ଜହରକୁ ଆହୁରି ଜୋରଦାର୍ କରାଯିବ ଏବଂ ଅଞ୍ଚଳରେ ଗଞ୍ଜେଇ ଚାଷ ନଷ୍ଟ କରାଯିବ ବୋଲି କହିଛନ୍ତି। ଏହି ଚଢ଼ାଉରେ ଏସ୍‌ଡିପିଓଙ୍କ ସମେତ ଅତିରିକ୍ତ ତହସିଲଦାର, ଥାନାଧିକାରୀ ବାବାଶଙ୍କର ସରାଫ, ଅବକାରୀ ଅଧିକାରୀ ଓ ସଶସ୍ତ୍ର ପୋଲିସ ଫୋର୍ସ ସାମିଲ ଥିଲେ।

## ବିଧାୟିକାଙ୍କ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ

ବେଗୁନିଆପଡ଼ା, ୮।୧୧(ଡି.ଏନ୍.ଏ.)

କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ସୋମବାର ବେଗୁନିଆପଡ଼ା ବ୍ଲକ ସାନ ଉତ୍ପାପଡା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଉଦଘାଟନ କରିଛନ୍ତି। ବିଧାୟିକା ସାନ ଉତ୍ପାପଡା ଗ୍ରାମରେ କୋଠଘର ଏବଂ ସ୍ୱାମୀ ଚିଦାନନ୍ଦ ଗୋଷ୍ଠୀ ସାଧନ କେନ୍ଦ୍ରର ଲୋକାର୍ପଣ କରି ରାଣୀପଡା ସ୍ଥିତ ଗୋଷ୍ଠୀ ସାଧନ କେନ୍ଦ୍ର ଉଦଘାଟନ କରିଥିଲେ । ପରେ ରାଣୀପଡାରେ ବିଜୁ ପଞ୍ଚାୟତ ପାଠାଗାର ଓ ଗୌଡ଼ ସାହି କୋଠଘର ଉଦଘାଟନ କରିଥିଲେ। ଏଥିସହ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ମଧ କରିଥିଲେ। ସାନ ଉତ୍ପାପଡା ଓ ରାଣୀପଡାରେ ଅନୁଷ୍ଠିତ ଦୁଇଟି ସାଧାରଣ ସଭାରେ ଯୋଗଦେଇ ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ।

